**ରାଜ୍ୟପାଳଙ୍କ ଦିନିକିଆ କେନ୍ଦୁଝର ଜିଲ୍ଲା ଗସ୍ତ : ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟ, ଡିମ୍ବୋର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଉଦ୍‌ବୋଧନ : କାହାକୁ ଅନୁକରଣ କରନି, ନିଜସ୍ୱ ଗୁଣରେ ଅନନ୍ୟ ହୁଅ - ରାଜ୍ୟପାଳ**

କେନ୍ଦୁଝର, ତା ୧୭.୧୦.  ଛାତ୍ରଛାତ୍ରୀମାନେ କାହାକୁ ଅନୁକରଣ କରନି, ନିଜସ୍ୱ ଗୁଣରେ ଅନନ୍ୟ ହୁଅ ବୋଲି ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି । ଚଳିତ ଅକ୍ଟୋବର ୧୭ ତାରିଖ ସୋମବାର ଦିନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦିନିକିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ସଦର ବ୍ଲକ୍ ଅନ୍ତର୍ଗତ ଡିମ୍ବୋ ଗ୍ରାମ ସ୍ଥିତ ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରିବା ସହିତ ଉଦ୍‌ବୋଧନ ଛଳରେ ଛାତ୍ରଛାତ୍ରୀମାନଙ୍କୁ ଏହି ଆହ୍ୱାନ ଦେଇଥିଲେ । ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ତୁମର କୌଣସି ବିକଳ୍ପ ନାହିଁ । ତୁମେ ନିଜସ୍ୱ ଗୁଣରେ ପୃଥିବୀକୁ ଆସିଅଛ । ଏଣୁ କାହାରିକୁ ଅନୁକରଣ ନକରି ନିଜ ଭିତରେ ଥିବା ଶକ୍ତି, ସାମର୍ଥ୍ୟ ଓ ପ୍ରତିଭାକୁ ଉପଯୋଗ କରି ନିଜକୁ ପ୍ରତିଷ୍ଠିତ କର । ଏହି ମର୍ମରେ ପିତାମାତା / ଅଭିଭାବକ ଏବଂ ଶିକ୍ଷକ ସମାଜକୁ ରାଜ୍ୟପାଳ କହିଥିଲେ ଯେ ଶିଶୁମାନଙ୍କ ଉପରେ କୌଣସି ସ୍ୱପ୍ନ ଓ ବୋଝ ଲଦି ଦିଅନ୍ତୁ ନାହିଁ । ପିଲାମାନଙ୍କୁ ମୁକ୍ତ ଭାବରେ ସ୍ୱାଭାବିକ ଢଙ୍ଗରେ ବିକଶିତ ହେବା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରନ୍ତୁ । ପୁନଶ୍ଚ ମାନ୍ୟବର ରାଜ୍ୟପାଳ କହଥିଲେ ଯେ ଭାରତୀୟ ଧର୍ମ ଓ ସଂସ୍କୃତିର ପରମ୍ପରା ହେଲା – ସମସ୍ତଙ୍କୁ ଭଲ ପାଇବା, ସମସ୍ତଙ୍କୁ ସ୍ୱୀକାର କରିବା ଏବଂ ସମସ୍ତଙ୍କୁ ସମ୍ମାନ ଦେବା । ପ୍ରକୃତି ହେଉଛି ସବୁଠୁ ବଡ ଗୁରୁ-ଭଗବାନ ସଦୃଶ । ଏଣୁ ପ୍ରକୃତି କୋଳରେ ସମସ୍ତେ ସାମିଲ୍ ହେବା ବିଧେୟ । ପିଲାମାନଙ୍କୁ ଉପଦେଶ ଦେଇ ରାଜ୍ୟପାଳ କହିଥିଲେ ଯେ ସେମାନେ ପ୍ରକୃତିରୁ ଶିକ୍ଷା ଲାଭ କରନ୍ତୁ । ପ୍ରକୃତି ସହିତ ସଂଲଗ୍ନ ରହିଲେ ନିଜର ମାନସିକ ଓ ବୌଦ୍ଧିକ ବିକାଶ ସହଜରେ ସୁଗମ ହୋଇପାରିବ ଏବଂ ପ୍ରକୃତି ସହିତ ସହବସ୍ଥାନ ହିଁ ଆଜିର ଆବଶ୍ୟକତା । ଉଦ୍‌ବୋଧନ ଛଳରେ ରାଜ୍ୟପାଳ କହିଥିଲେ ଯେ ଆମେ ସମସ୍ତେ ଆଦିଶକ୍ତିଙ୍କ ଅଂଶବିଶେଷ । ଏଣୁ ଆମ ଭିତରେ ସମାନତା ରହିବା ଅପରିହାର୍ଯ୍ୟ । ଆମେ ଏକ ଓ ଅଭିନ୍ନ । ଆମେ ଗୋଟିଏ ଉତ୍ସରୁ ଆସିଅଛେ । ଏହି ଭାବଧାରାକୁ ଆଧାର କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମାନବତାବାଦକୁ ପାଥେୟ କଲେ ବିଶ୍ୱ ଶାନ୍ତି ପ୍ରତିଷ୍ଠା ହୋଇପାରିବ ଏବଂ ସମୃଦ୍ଧିର ପଥ ବିକଶିତ ହେବ ବୋଲି କହିଥିଲେ । ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ରାଜ୍ୟପାଳ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ସମାଜ, ପୁରାତନ ଛାତ୍ରଛାତ୍ରୀ ତଥା ଅଂଚଳବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ସ୍ମରଣିକା – 'ସ୍ୱର୍ଣ୍ଣକାନ୍ତି' ରାଜ୍ୟପାଳଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା । ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ୧୯୬୮ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ଡିମ୍ବୋ ଅଂଚଳରେ ଶିକ୍ଷାର ଆଲୋକବର୍ତ୍ତିକା ସାଜିଛି ଏବଂ ମଣିଷ ତିଆରି କାରଖାନାରେ ପରିଣତ ହୋଇଛି । ଇତି ମଧରେ ଅନୁଷ୍ଠାନର ବିକାଶ ସାଧିତ ହୋଇଛି । ଭିତିଭୂମିର ଅଧିକ ବିକାଶ ସହ ଗୁଣାତ୍ମକ ଶିକ୍ଷାର ବିକାଶ ଜରୁରୀ । ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସାମଗ୍ରିକ ବିକାଶ ପାଇଁ ପ୍ରେରଣା ଯୋଗାଇବ ବୋଲି ବିଧାୟକ ଶ୍ରୀ ମାଝୀ ମତବ୍ୟକ୍ତ କରିଥିଲେ । ପୁରାତନ ଛାତ୍ରସଂଘର ସଭାପତି ଦୁର୍ଯ୍ୟୋଧନ ସାହୁ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ସଂପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନବନ୍ଧୁ ମହାନ୍ତ ଏହି ସମାରୋହରେ ଉପସ୍ଥିତ ଥିଲେ । ଏହି ଅବସରରେ ମାନ୍ୟବର ରାଜ୍ୟପାଳଙ୍କୁ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ତରଫରୁ ସଂବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ସମ୍ମାନିତ ଅତିଥି କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍‌ବ୍ୟତୀତ ବିଦ୍ୟାଳୟର ୫ ଜଣ ପ୍ରାକ୍ତନ ଶିକ୍ଷକଙ୍କୁ ସଂବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ସଂଘର ସଂପାଦକ କଳ୍ପତରୁ ସାହୁ ସଂବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ଏବଂ ଏହା ଚଳିତ ଅକ୍ଟୋବର ୧୮ ତାରିଖ ଦିନ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।

ସା / ... 17/10/2022

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର